# ଜମି ଅଧିଗ୍ରହଣରେ ପାଦେ ଆଗେଇଲା

## ଖୋର୍ଦ୍ଧାରୋଡ-ବଲାଙ୍ଗୀର ରେଳ ପ୍ରକଳ୍ପ

## ୭୨ ଏକର ପାଇଁ ୧୦.୯୮ କୋଟି ମଞ୍ଜୁର



ଯାଜପୁର ଅଫିସ,୮।୨

ଖୋର୍ଦ୍ଧାରୋଡ–ବଲାଙ୍ଗୀର ରେଳପ୍ରକଳ୍ପ କାର୍ଯ୍ୟ ଆଉ ଏକ ପାଦେ ଆଗେଇଛି। ନୟାଗଡ଼ ଓ ବୌଦ୍ଧ ଜିଲାର ପ୍ରାୟ ୭୨ ଏକର ବେସରକାରୀ ଜମି ଅଧିଗ୍ରହଣ ପାଇଁ ୧୦ କୋଟି ୯୮ ଲକ୍ଷ ୬୬ ହଜାର ୮୫୭ ଟଙ୍କା ମଞ୍ଜୁର ହୋଇଛି। ଏହିମର୍ମରେ ବୌଦ୍ଧ ଓ ନୟାଗଡ଼ ଜିଲାପାଳଙ୍କୁ ସୋମବାର ବାଣିଜ୍ୟ ଓ ପରିବହନ ବିଭାଗର ଉପସଚିବ କଳ୍ପତରୁ ସାମନ୍ତରାୟ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଜାରି କରିଛନ୍ତି। ୨୦୨୧ ନଭେମ୍ବର ୭ରେ ଧରିତ୍ରୀର ପ୍ରଥମ ପୃଷ୍ଠାରେ ‘ଭାଗବଣ୍ଟା ଛିଣ୍ଡୁନି, ପ୍ରକଳ୍ପ ବିଳମ୍ବିତ’ ଶୀର୍ଷକ ଖବର ପ୍ରକାଶ ପାଇବା ପରେ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ଏଭଳି ତତ୍ପରତା ପ୍ରକାଶ ପାଇଛି। ତେବେ ଏହି ଅଧିଗ୍ରହଣ ପ୍ରକ୍ରିୟା ସୁରୁଖୁରୁରେ ସମ୍ପାଦିତ ହେଲେ ରେଳପ୍ରକଳ୍ପ କାର୍ଯ୍ୟ ସରିବାକୁ ଆଉ ବେଶି ଦିନ ଅପେକ୍ଷା କରିବାକୁ ପଡ଼ିବ ନାହିଁ ବୋଲି ଆଶା କରାଯାଇଛି।

୧୯୯୪–୯୫ ଆର୍ଥିକ ବର୍ଷରେ ଖୋର୍ଦ୍ଧାରୋଡ–ବଲାଙ୍ଗୀର ୨୮୯ କିମି ରେଳପ୍ରକଳ୍ପକୁ ମଞ୍ଜୁରୀ ମିଳିଥିଲା ଏବଂ ୨୦୦୧ ଜୁନରେ ଏହାର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିଲା। ୨୬ ବର୍ଷ ହେବ ଏହି ପ୍ରକଳ୍ପ ଜମି ଅଧିଗ୍ରହଣ ଓ ଜଙ୍ଗଲ ଜମି ବିବାଦ ଯୋଗୁ ଅଧାରେ ଲାଖିଛି। ବାଣିଜ୍ୟ ଓ ପରିବହନ ବିଭାଗର ସୋମବାର ନିଷ୍ପତ୍ତି ଅନୁଯାୟୀ ବୌଦ୍ଧ ଜିଲା ପୁରୁଣାକଟକ ଥାନା ହରଭଙ୍ଗା ତହସିଲ ଅଧୀନ ରୁଗୁଡିପାଲି ମୌଜାରେ ୪୨.୪୪୦ ଏକର ବେସରକାରୀ ଜମି ଅଧିଗ୍ରହଣ ନିର୍ଦ୍ଦେଶ ହୋଇଛି। ଏଥିପାଇଁ ୪ କୋଟି ୧୯ ଲକ୍ଷ ୪ ହଜାର ୫୯୪ ଟଙ୍କା ମଞ୍ଜୁର ହୋଇଛି। ପୂର୍ବରୁ ଏଥିପାଇଁ ୪ କୋଟି ୩ ଲକ୍ଷ ୯୨ ହଜାର ୫୫୪ ଟଙ୍କା ମଞ୍ଜୁର ହୋଇଥିଲାବେଳେ ଏହା ରିଭାଇଜ କରାଯାଇଛି। ଏଥିରେ ଜମି ଅଧିଗ୍ରହଣ ଧାରା ୨୯(୧) ଅନୁଯାୟୀ ମୋଟ କ୍ଷେତ୍ରଫଳ ଜମିର ମୂଲ୍ୟ ୧,୩୦,୬୦,୮୫୩ ଟଙ୍କା ଏବଂ ଗୃହ, କୂପ, ପୁଷ୍କରିଣୀ, ବୃକ୍ଷ ଆଦି ବାବଦକୁ ୧,୫୧,୫୭,୪୨୨ ଟଙ୍କା, ନୂତନ ଧାରା ୩୦(୧) ଅନୁଯାୟୀ ଉପରୋକ୍ତ ଅର୍ଥର ଶତକଡ଼ା ୧୦୦% ହାରରେ ସାନ୍ତ୍ୱନାମୂଳକ କ୍ଷତିପୂରଣ ୧,୫୧,୫୭,୪୨୨ ଟଙ୍କା, ଧାରା ୩୦(୩) ଅନୁଯାୟୀ ଶତକଡ଼ା ୧୨% ଅତିରିକ୍ତ କ୍ଷତିପୂରଣ ୨ ବର୍ଷ ପାଇଁ ୨୬,୧୨,୧୧୬ ଟଙ୍କା, ସରକାରୀ ରାଜସ୍ୱର ପୁଞ୍ଜୀକୃତ ମୂଲ୍ୟ ୮,୬୫୧ ଟଙ୍କା, ଯୁଚ୍ଛ ପ୍ରତିଷ୍ଠାନର ଖର୍ଚ୍ଚ ଶତକଡ଼ା ୨୦% ୬୫,୮୫,୩୯୨ ଟଙ୍କା, ପୁର୍ନବାସ ଓ ଥଇଥାନ ପାଇଁ ୨୩,୮୩,୫୯୦ ଟଙ୍କା ଅଟକଳ ହୋଇଛି। ଏହି ଅଟକଳ ପରିମାଣକୁ ବୌଦ୍ଧ ଜିଲାପାଳ ମଞ୍ଜୁର କରିଛନ୍ତି।

ନୟାଗଡ ଜିଲା ଦଶପଲ୍ଲା ତହସିଲ ଅନ୍ତର୍ଗତ ଦୁର୍ଗାପ୍ରସାଦ ମୌଜାରେ ୫.୬୧୦ ଏକର ବେସରକାରୀ ଜମି ଅଧିଗ୍ରହଣ ନିଷ୍ପତ୍ତି ହୋଇଛି। ଏଥିପାଇଁ ୭୪,୨୫,୨୦୨ ଟଙ୍କା ମଞ୍ଜୁର ହୋଇଛି। ଏଥିରେ ମୋଟ ଜମିର ମୂଲ୍ୟ ୨୭,୫୪,୯୭୨ ଟଙ୍କା ରଖାଯାଇଥିବାବେଳେ ଧାରା ୨୯(୨) ଅନୁଯାୟୀ ବୃକ୍ଷ ବାବଦକୁ ୬୩,୦୯୧ ଟଙ୍କା, ଶତକଡ଼ା ୧୦୦% ସାନ୍ତ୍ୱନାମୂଳକ କ୍ଷତିପୂରଣ ୨୮,୧୮,୦୬୩ ଟଙ୍କା, ଧାରା ୩୦(୩) ଅନୁଯାୟୀ ଉପରୋକ୍ତ ଅର୍ଥର ଶତକଡ଼ା ୧୨% ଅତିରିକ୍ତ କ୍ଷତିପୂରଣ ୨ ବର୍ଷ ପାଇଁ ୫,୫୦,୯୯୪ ଟଙ୍କା, ସରକାରୀ ରାଜସ୍ୱର ପୁଞ୍ଜୀକୃତ ମୂଲ୍ୟ ୬୫୮ ଟଙ୍କା, ଯୁଚ୍ଛ ପ୍ରତିଷ୍ଠାନ ଖର୍ଚ୍ଚ ଶତକଡ଼ା ୨୦% ହିସାବରେ ୧୨,୩୭,୪୨୪ ଟଙ୍କା ଅଟକଳ ହୋଇଛି। ଏହି ଅଟକଳ ପରିମାଣକୁ ନୟାଗଡ଼ ଜିଲାପାଳ ମଞ୍ଜୁର କରିଥିବା ରିପୋର୍ଟରେ ଦର୍ଶାଯାଇଛି।

ନୟାଗଡ ଜିଲା ଦଶପଲ୍ଲା ତହସିଲ ଅନ୍ତର୍ଗତ ବୁଗୁଡା କଲୋନୀ ମୌଜାରେ ୧୧ ଏକର ଜମି ପାଇଁ ୧,୨୫,୯୭,୮୯୧ ଟଙ୍କା ଅଟକଳ ହୋଇଛି। ଏଥିରେ ମୋଟ ଜମିର କ୍ଷତ୍ରଫଳ ଅନୁଯାୟୀ ୪୪,୭୨,୧୬୦ ଟଙ୍କା ସହ ଧାରା ୨୯(୨) ଅନୁଯାୟୀ ଗୃହ, କୂପ, ବୃକ୍ଷ, ଫଳନ୍ତି ଶସ୍ୟ ବାବଦକୁ ୪୮,୦୧,୪୪୭ ଟଙ୍କା, ନୂତନ ଧାରା ୩୦(୧) ଅନୁଯାୟୀ ଉପରୋକ୍ତ ଅର୍ଥର ଶତକଡ଼ା ୧୦୦% ସାନ୍ତ୍ୱନାମୂଳକ କ୍ଷତିପୂରଣ ଭାବେ ୪୮,୦୧,୪୪୭ ଟଙ୍କା, ଧାରା ୩୦(୩) ଅନୁଯାୟୀ ଉପରୋକ୍ତ ଅର୍ଥର ଶତକଡ଼ା ୧୨% ଅତିରିକ୍ତ କ୍ଷତିପୂରଣ ବାବଦକୁ ୮,୯୪,୪୩୨ ଟଙ୍କା, ରାଜସ୍ୱ ପୁଞ୍ଜୀକୃତ ମୂଲ୍ୟ ୧,୧୦୦ ଟଙ୍କା, ଶତକଡ଼ା ୨୦% ଯୁଚ୍ଛ ପ୍ରତିଷ୍ଠାନ ଖର୍ଚ୍ଚ ବାବଦକୁ ୨୦,୯୯,୪୬୫ ଟଙ୍କା ରଖାଯାଇଛି।

ନୟାଗଡ଼ ଜିଲା ଦଶପଲ୍ଲା ତହସିଲ ଅନ୍ତର୍ଗତ ଦୁରୁକିପାଞ୍ଜୁ ମୌଜାରେ ୩.୯୦୦ ଏକର ଜମି ପାଇଁ ୬୦,୩୪,୫୭୬ ଟଙ୍କା ମଞ୍ଜୁର ହୋଇଛି। ଏଥିରେ ମୋଟ କ୍ଷେତ୍ରଫଳ ଜମିର ମୂଲ୍ୟ ୨୨,୯୯,୦୯୬ ଟଙ୍କା ସମେତ ଧାରା ୨୯(୧) ଅନୁଯାୟୀ ବୃକ୍ଷ ପାଇଁ ୧୮,୦୫୪ ଟଙ୍କା, ନୂତନ ଧାରା ୩୦(୧) ଅନୁସାରେ ଶତକଡ଼ା ୧୦୦% ହାରରେ ସାନ୍ତ୍ୱନାମୂଳକ କ୍ଷତିପୂରଣ ୨୩,୧୭,୧୫୦ ଟଙ୍କା, ଉପରୋକ୍ତ ମୋଟ ମୂଲ୍ୟ ଉପରେ ଧାରା ୩୦(୩) ଅନୁସାରେ ଶତକଡ଼ା ୧୨% ଅତିରିକ୍ତ କ୍ଷତିପୂରଣ ବାବଦକୁ ୩,୯୪,୧୩୦ ଟଙ୍କା, ରାଜସ୍ୱର ପୁଞ୍ଜିକୃତ ମୂଲ୍ୟ ୪୫୮ ଟଙ୍କା, ଯୁଚ୍ଛ ପ୍ରତିଷ୍ଠାନର ଖର୍ଚ୍ଚ ଶତକଡ଼ା ୨୦% ହାରରେ ୧୦,୦୫,୬୮୬ ଟଙ୍କା ଅଟକଳ ହୋଇଛି।

# ସହରକୁ ପିଇବା ପାଣି ଯୋଗାଣ ବାଧା ଆଶଙ୍କା

## ସରିନାହିଁ ପାଇପ କାମ



ଜଳ ବିଶୋଧନାଗାର ପ୍ରକଳ୍ପ କାର୍ଯ୍ୟ ଚାଲିଛି ।

ଭଞ୍ଜନଗର,୮।୨(ଡି.ଏନ.ଏ)

ଭଞ୍ଜନଗର ସହରବାସୀଙ୍କୁ ବିଶୁଦ୍ଧ ପାଣି ଯୋଗାଇ ଦେବାପାଇଁ ସରକାର ପଦକ୍ଷେପ ନେଇଛନ୍ତି।ଏହି ପରିପ୍ରେକ୍ଷୀରେ ନୂଆ ନୂଆ ପ୍ରକଳ୍ପ ହେଉଛି । ହେଲେ ବିଭିନ୍ନ କାରଣ ଯୋଗୁ କାମଗୁଡ଼ିକ ନିର୍ଦ୍ଧାରିତ ସମୟରେ ଶେଷ ହେଉନାହିଁ। ସହରର ଅନେକ ଅଞ୍ଚଳକୁଇତିମଧ୍ୟରେ ନୂଆ ପାଇପ ଲାଇନ ବିଛା ହୋଇଛି। ସେସବୁକୁ ଡ଼ିସେମ୍ବର ସୁଦ୍ଧା ପୁରୁଣା ପାଇପ ସହ ଯୋଡ଼ିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା ।ହେଲେ ଏ ଯାଏ ତାହା ହୋଇନାହିଁ । ଯଦ୍ୱାରା କେତକ ଅଞ୍ଚଳକୁ ଆବଶ୍ୟକ ଅନୁଯାୟୀ ପାଣି ଯୋଗାଣରେ ବାଧା ଦେଖାଦେଇଛି । ବର୍ତ୍ତମାନ ସୁଦ୍ଧା ପ୍ରାୟ ୩ କି.ମି. ୮ଶହ ମିଟର ପାଇପ ବିଛା ହୋଇଥିବା ବେଳେ ଏବେ ବି ବ୍ରାହ୍ମଣସାହିର ୯୦ ମିଟର ପାଇପ ବିଛା କାମ ସରିନାହିଁ। ପାଇପ୍ ବିଛାଇବା ଏବଂ ସଂଯୋଗ କାମ ତୁରନ୍ତ ନ ସରିଲେ ଖରାଦିନ ଆରମ୍ଭରୁ ସହରରେ ପାନୀୟ ସମସ୍ୟା ବଢ଼ିବ। ଅନ୍ୟପକ୍ଷରେ ପାର୍କ ରୋଡ଼ରେ ବୃହତ ଜଳ ବିଶୋଧାନାଗାର ପ୍ରକଳ୍ପ କାର୍ଯ୍ୟ ମଧ୍ୟ ଚାଲିଛି । ଉକ୍ତ କାମ ଜୁଲାଇ ୯ ତାରିଖ ସୁଦ୍ଧା ସରିବା ଲକ୍ଷ୍ୟ ରଖାଯାଇଛି । ଏ ବାବଦରେ ୨ କୋଟି ୩୮ ଲକ୍ଷ ଟଙ୍କା ଖର୍ଚ୍ଚ ହେବ। କିନ୍ତୁ ଉକ୍ତ କାର୍ଯ୍ୟ ମଧ ଧିମାରେ ଚାଲିଛି । ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ନେବାକୁ ଦାବି ହୋଇଛି । ଏ ସମ୍ପର୍କରେ ଜନସ୍ୱାସ୍ଥ୍ୟ ବିଭାଗ ସହକାରୀ ଯନ୍ତ୍ରୀଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି, ସହରବାସୀଙ୍କ ଆବଶ୍ୟକତାକୁ ଦେଖି ପଦକ୍ଷେପ ନିଆଯାଉଛି । ଗ୍ରୀଷ୍ମ ଋତୁରେ ପାନୀୟ ଜଳ ଯୋଗାଣରେ କୌଣସି ବାଧା ଦେଖାଦେବ ନାହିଁ ବୋଲି କହିଛନ୍ତି।

# ମଣ୍ଡିରୁ ଧାନ ଉଠାଣ ମନ୍ଥର, ଚାଷୀ ଅସନ୍ତୋଷ

ଗଞ୍ଜାମ, ୮।୨(ଡି.ଏନ.ଏ.)

ଚାଷୀ ଧାନ ଅମଳ କରିବାର ଦୁଇ ମାସ ବିତିଗଲାଣି। ହେଲେ ମଣ୍ଡିରୁ ଧାନ ଉଠିବା ମନ୍ଥର ଓ ବିଳମ୍ବ ହେଉଥିବା ଯୋଗୁ ଚାଷୀ ସମୁଦାୟ ମଧ୍ୟରେ ଘୋର ଅସନ୍ତୋଷ ଦେଖାଯାଇଛି। ଏ ନେଇ ସୋମବାର ଗଞ୍ଜାମ ବ୍ଲକ ଅନ୍ତର୍ଗତ କାଇଁଚପୁର ପଞ୍ଚାୟତର ଝାଡ଼କୁଦା ଗ୍ରାମର ଚାଷୀମାନେ ଗଞ୍ଜାମ ବ୍ଲକ କାର୍ଯ୍ୟାଳୟରେ ରହିଥିବା ଯୋଗାଣ ବିଭାଗ କାର୍ଯ୍ୟାଳୟରେ ପହଞ୍ଚି ଯୋଗାଣ ନିରୀକ୍ଷକ ସନ୍ତୋଷ କୁମାର ଦାଶଙ୍କ ନିକରେ ଅଭିଯୋଗ କରିଛନ୍ତି। ଗତ ଜାନୁୟାରୀ ୨୬ରୁ ଗ୍ରାମର ୭୦ ଚାଷୀଙ୍କୁ ଟୋକନ୍ ମିଳିଥିବା ବେଳେ ଆସନ୍ତା ୧୭ରେ ମଣ୍ଡିରେ ଧାନ ବିକ୍ରି କରିବାର ଅବଧି ଶେଷ ହୋଇଯାଉଛି। ସେଥିରୁ ୭ ଟୋକନ୍‌ରୁ ହିଁ ମିଲର ଆସି ଧାନ ଉଠାଇଛି। ଗ୍ରାମରେ ପ୍ରାୟ ୯୫ ପ୍ରତିଶତ ଚାଷୀ ରହିଥିବା ବେଳେ ଚାଷୀମାନଙ୍କ ନିକଟରେ ଆହୁରି ୩ ହଜାର ଧାନ ବସ୍ତା ମହଜୁଦ ରହିଛି। ଗତ ବର୍ଷ ଚାଷୀଙ୍କ ୪୫ ଟୋକନ୍ ଅବଧି ଶେଷ ହୋଇଯାଇଥିବାରୁ ଚାଷୀ ଧାନ ବିକ୍ରି କରିପାରି ନ ଥିଲେ। ଯାହାକୁ ନେଇ ଚଳିତ ବର୍ଷ ଚାଷୀମାନଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଛି। ଏ. ତାରକେସ ରେଡି, କେ.ଡମ୍ବରୁ ପ୍ରଧାନ, କେ.ପୁରସ୍ତମ ରେଡି, କେ.କ୍ରିଷ୍ଣା ରେଡି, କେ.ରାମା ରାଓ, ଜି. ଜଗନ୍ନାଥ ରେଡି, ପି.ଚନ୍ଦ୍ର ରେଡି, କେ.ଗୋବିନ୍ଦ ରେଡି ପ୍ରମୁଖଙ୍କ ସମେତ ଗ୍ରାମର ବହୁ ଚାଷୀ ଏମ୍‌ଆଇଙ୍କ ନିକଟରେ ଅଭିଯୋଗ କରିଥିଲେ। ଏ ନେଇ ବ୍ଲକ ଯୋଗାଣ ନିରୀକ୍ଷକଙ୍କୁ ପଚାରିବାରେ ମଙ୍ଗଳବାର ହିଁ ଗ୍ରାମରୁ ଧାନ ଉଠାଇବାର ବ୍ୟବସ୍ଥା ହେବ ବୋଲି ପ୍ରକାଶ କରିଥିଲେ।

# ତେଲୁଗୁ ସମ୍ପ୍ରଦାୟ ଭୋଟ ନେବାକୁ ଭାଜପାର ଉଦ୍ୟମ

ଗୁଣପୁର,୮।୨(ଡି.ଏନ୍.ଏ.)

ଭାଜପା ରାଜ୍ୟ ପ୍ରଭାରୀ ତଥା କେନ୍ଦ୍ରୀୟ ସାଧାରଣ ସମ୍ପାଦିକା ଡି.ପୁରନ୍ଦେଶ୍ୱରୀ ବୁଧବାର ଗୁଣପୁର ଗସ୍ତ କରିବେ। ସେ ଦୁଇଦିନିଆ ଗସ୍ତରେ ରାୟଗଡ଼ା ଜିଲାକୁ ଆସିଥିବାବେଳେ ଦ୍ୱିତୀୟ ଦିନରେ ବୁଧବାର ଗୁଣପୁରରେ ପହଞ୍ଚିବେ। ପୂର୍ବାହ୍ନ ୧୦ଟାରେ ରାୟଗଡ଼ାରୁ ବାହାରି ୧୧ଟାରେ ଗୁଣପୁରରେ ପହଞ୍ଚିବେ। ଗୁଣପୁରରେ ଭାଜପା ଜିଲା ପରିଷଦ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିବେ। ଗୁଣପୁରରୁ ଗଜପତି ଜିଲା ଅଭିମୁଖେ ଯିବା କାର୍ଯ୍ୟକ୍ରମ ରହିଛି। ଗୁଣପୁର ବ୍ଲକର କେତେକ ଅଞ୍ଚଳରେ ତେଲୁଗୁ ସମ୍ପ୍ରଦାୟ ଭୋଟର ଥିବାବେଳେ ଏହାକୁ ଦୃଷ୍ଟିରେ ରଖି ପୁରନ୍ଦେଶ୍ୱରୀଙ୍କ ଗସ୍ତ ଗୁରୁତ୍ୱ ବହନ କରୁଛି। ତେଲୁଗୁ ଭୋଟରଙ୍କୁ ଭାଜପା ସପକ୍ଷରେ ନେବା ପାଇଁ ଦଳ ପ୍ରୟାସ କରିଛି। ଷ୍ଟାର ପ୍ରଚାରକଭାବେ ପୁରନ୍ଦେଶ୍ୱରୀ ରାୟଗଡ଼ା ଜିଲା ଗସ୍ତକରି ଭାଜପା ସପକ୍ଷରେ ମତଦାନ ପାଇଁ ନିବେଦନ କରିବେ। ତାଙ୍କ ଗସ୍ତକୁ ନେଇ ଭାଜପା ଖୁବ୍ ଆଶାବାଦୀ। ତେବେ ତେଲୁଗୁ ଭୋଟରଙ୍କୁ ଆକୃଷ୍ଟ କରିବାରେ ଦଳ କେତେ ସଫଳ ହେଉଛି ତାହା ଭୋଟ ଗଣତି ପରେ ଜଣା ପଡ଼ିବ। ଅପରପକ୍ଷେ ତାଙ୍କ ଗସ୍ତକୁ ନେଇ ଭାଜପା କର୍ମୀ ତଥା ନେତାଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଛି। ପଥପ୍ରାନ୍ତ ସଭା ମାଧ୍ୟମରେ ଭାଜପା ସପକ୍ଷରେ ଭୋଟ ଦେବାକୁ ନିବେଦନ କରାଯିବ ବୋଲି ଦଳ ପକ୍ଷରୁ ସୂଚନା ଦିଆଯାଇଛି।

# ବିଦ୍ୟୁତ୍ କାର୍ଯ୍ୟାଳୟରୁ ଲାପ୍‌ଟପ ଚୋରି

ଦିଗପହଣ୍ଡି,୮।୨(ଡି.ଏନ.ଏ.)

ଦିଗପହଣ୍ଡି ସ୍ଥିତ ବିଦ୍ୟୁତ୍ ବିଭାଗ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଲାପ୍‌ଟପ ଚୋରି ହୋଇଥିବା ଅଭିଯୋଗ ହୋଇଛି। ନିର୍ବାହୀ ଯନ୍ତ୍ରୀ ଇଂ. କାମା ସେଠୀ ଗତମାସ ୧୪ରୁ ୨୬ ଯାଏ ଛୁଟିରେ ରହି ୨୭ ତାରିଖରେ କାର୍ଯ୍ୟରେ ଯୋଗ ଦେଇଥିଲେ। ସେତେବେଳକୁ ଲାପଟପ ସହ ଚାର୍ଜର ଏବଂ ମାଉସ ମଧ ଚୋରି ହୋଇଥିବା ଜାଣି ନିଜ ପକ୍ଷରୁ ଅନୁସନ୍ଧାନ ଆରମ୍ଭ କରିଥିଲେ। କାର୍ଯ୍ୟାଳୟରେ ନିଯୁକ୍ତ ୨ ଜଣ କର୍ମଚାରୀଙ୍କ ଉପରେ ତାଙ୍କର ସନ୍ଦେହ ହେବାରୁ ଥାନାରେ ଏତଲା ଦେଇଥିଲେ। ଏ ନେଇ ଦିଗପହଣ୍ଡି ଥାନା ମାମଲା ନଂ. ୫୭/୨୨ରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିବା ଆଇଆଇସି ବସନ୍ତ କୁମାର ସେଠୀ ସୂଚନା ଦେଇଛନ୍ତି।

# ବିଜେଡି, ଭାଜପା ସମର୍ଥିତ ପ୍ରାର୍ଥୀଙ୍କ ମଧ୍ୟରେ ମୁକାବିଲା

## ରାଉତି ପଞ୍ଚାୟତ

ଜଗନ୍ନାଥପ୍ରସାଦ,୮।୨(ଡି.ଏନ.ଏ.)

ପଞ୍ଚାୟତ ନିର୍ବାଚନକୁ ନେଇ ଗାଁ ଗହଳିରେ ବର୍ତ୍ତମାନ ଚଳଚଞ୍ଚଳ ହୋଇଉଠିଛି। ବିଭିନ୍ନ ପଦପଦବୀ ପାଇଁ ନିର୍ବାଚନ ରଣାଙ୍ଗନକୁ ପ୍ରାର୍ଥୀ ଓହ୍ଲାଇଛନ୍ତି। ଏହାରି ମଧ୍ୟରେ ଗଞ୍ଜାମ ଜିଲାର ଜଗନ୍ନାଥପ୍ରସାଦ ବ୍ଲକ ରାଉତି ସରପଞ୍ଚ ପଦବୀ ପାଇଁ ଦୁଇ ଦଳ ବିଜେଡି, ଭାଜପାର ସମର୍ଥିତ ପ୍ରାର୍ଥୀଙ୍କ ମଧ୍ୟରେ ଲଢେଇ ଜୋର ହୋଇଥିବା ଦେଖିବାକୁ ମିଳିଛି। କାଦୁଆ ପଞ୍ଚାୟତରୁ ୧୯୬୭ରେ ଭାଗ ହୋଇ ନୂତନ ପଞ୍ଚାୟତ ମାନ୍ୟତା ପାଇଥିବା ରାଉତି ପଞ୍ଚାୟତ ପୂର୍ବେ ଜନତା ଦଳରୁ ଜନତାଦଳ ସମର୍ଥକ ମାନଙ୍କ ଦ୍ୱାରା ସରପଞ୍ଚ, ସମିତି ସଭ୍ୟ ଆସନ ଅଳଙ୍କୃତ କରୁଥିଲେ। ପରେ ବିଜେଡିର ଏହା ଏକ ଦୁର୍ଗ ଭାବେ ଲୋକ ଲୋଚନକୁ ଆସିଥିଲା। ବ୍ଲକ ରାଜନୀତିରେ ଏହି ପଞ୍ଚାୟତର ରାଜନେତାମାନଙ୍କ ଦବ୍‌ଦବା ଥିବାରୁ ଏବଂ ପଞ୍ଚାୟତରେ ପ୍ରାୟ ଦୁଇ ଥର ନିର୍ବାଚନ ନ ହୋଇ ସର୍ବସମ୍ମତି ଚୟନ କରାଯାଇଥିବା ରେକର୍ଡ ରହିଛି। ବର୍ତ୍ତମାନର ବିଜେଡି ବ୍ଲକ ସଭାପତି ମୋହନ ପ୍ରଧାନଙ୍କ ପରିବାର ଉପରେ ଆସ୍ଥା ଭାଜନ କରି ନିଜେ ମୋହନ ଦୁଇଥର ଓ ପୁଅ ଦୁତିକୃଷ୍ଣ ପ୍ରଧାନ ଦୁଇ ଥର ଓ ତାଙ୍କର ସ୍ୱର୍ଗତ ପୁତ୍ର ସନ୍ତୋଷ ପ୍ରଧାନ ନିର୍ବାଚନରେ ପ୍ରତିଦ୍ୱନ୍ଦିତା କରି ସରପଞ୍ଚ ପଦ ହାତେଇଥିଲେ। ସେହି ରାଉତି ପଞ୍ଚାୟତରୁ ୨୦୦୨ ନିର୍ବାଚନରେ ଦୁତିକୃଷ୍ଣ ପ୍ରଧାନ ସମିତିସଭ୍ୟ ପଦରେ ନିର୍ବାଚିତ ହୋଇ ବ୍ଲକ ଅଧକ୍ଷ ପଦ ହାତେଇବାରେ ସକ୍ଷମ ହୋଇଥିଲେ। କିନ୍ତୁ ସମୟ ସ୍ରୋତରେ ରାଜନୈତିକ ପାଣିପାଗ ୨୦୧୭ରେ ବଦଳି ଯାଇଥିଲା। ବିଜେଡି ଦୁର୍ଗକୁ ଭାଙ୍ଗି ଜଣେ ଅନଭିଜ୍ଞ ବ୍ୟକ୍ତି ଭାଜପା ସମର୍ଥନରେ ସରପଞ୍ଚ ପଦବୀ ଛଡାଇ ନେଇଥିଲେ। ୫ ବର୍ଷ ପରେ ପୁଣି ବିଜେଡି ଓ ଭାଜପା ମଧ୍ୟରେ କଡା ଟକର ଦେଖିବାକୁ ମିଳିଛି। ରାଉତି ପଞ୍ଚାୟତରେ ସର୍ବମୋଟ ୬୩୦୦ ସଂଖ୍ୟା ଭୋଟର ଓ ରାଉତି ଗ୍ରାମରେ ୫ ୱାର୍ଡ, ମଳିଙ୍ଗୀ ୨ ୱାର୍ଡ, କୁଶାପଲ୍ଲୀ ୨ ୱାର୍ଡ, ପାଲାପଡା ୧ ୱାର୍ଡ, ଚାରିକୋଣିଆ ୨ ୱାର୍ଡ, ଭାବସର ୨ ୱାର୍ଡ, ଏକ ଘରଆପଲ୍ଲୀ ୧ ୱାର୍ଡ, ପଙ୍କାଳ ସାହି ୧ ୱାର୍ଡ ଓ ମୋଟ ୮ ଗ୍ରାମରେ ୧୬ ୱାର୍ଡକୁ ନେଇ ରାଉତି ଗ୍ରାମପଞ୍ଚାୟତ ଅଟେ। ଚଳିତ ବର୍ଷ ପଞ୍ଚାୟତ ନିର୍ବାଚନକୁ ନେଇ ଗାଁ ଦାଣ୍ଡ ପୁରା ଚଳଚଞ୍ଚଳ। ପ୍ରାର୍ଥୀ ଆସୁଛନ୍ତି ଘରଘର ବୁଲି ନିଜ ସପକ୍ଷରେ ମତଦାନ କରିବା ପାଇଁ ଭୋଟରମାନଙ୍କୁ ମନାଉଛନ୍ତି। ତେବେ ଏଠାରେ ଏଥର ସରପଞ୍ଚ ପଦବୀ ପାଇଁ ହରିଜନ ପ୍ରାର୍ଥୀ ପାଇଁ ସମିତି ଟି ସାଧାରଣ ମହିଳା ସୂଚନା ମିଳିଛି। ପଞ୍ଚାୟତ ସରପଞ୍ଚ ପାଇଁ ରାଉତି ଗ୍ରାମର ବିଜେଡି ଦଳ ସମର୍ଥିତ ସରପଞ୍ଚ ରାମକୃଷ୍ଣ ସେଠୀ ଏବଂ ଭାଜପା ଦଳ ସମର୍ଥିତ ସୁଷମା ସେଠୀ ସ୍ୱାଧୀନ ପ୍ରାର୍ଥୀ ଭାବେ ସତ୍ୟନାରାୟଣ ନାଇକ ଓ ସମିତି ସଭ୍ୟ ପ୍ରାର୍ଥୀ ଭାବେ ବିଜେଡିରୁ ମଳିଙ୍ଗୀ ଗ୍ରାମର ପଙ୍କଜ ପ୍ରଧାନ, ଭାଜପା ଚାରିକୋଣିଆ ଗ୍ରାମର ଜୀନୁ ପ୍ରଧାନ, ସ୍ୱାଧୀନରୁ ଗୋଛାବାଡି ଗ୍ରାମର ପ୍ରଶାନ୍ତ ନାୟକ ଠିଆ ହୋଇଛନ୍ତି। ବିଜେଡି ପକ୍ଷରୁ ବିଜେଡି ବ୍ଲକ ଓ ପଞ୍ଚାୟତ ସଭାପତି ମୋହନ ପ୍ରଧାନ, ଯୁଗଳ ଚନ୍ଦ୍ର ବେହେରା, ଉପେନ୍ଦ୍ର ବେହେରା, ନାରାୟଣ ବେହେରା, ଚନ୍ଦ୍ରଜିତ ସାହୁ, ଟିଟନ ସାହୁ ବିଜେଡି ମଙ୍ଗ ସମ୍ଭାଳିଥିବା ବେଳେ ରୋହିତ ବେହେରା, ଅମୁଲ୍ୟ ପ୍ରଧାନ, ସନ୍ତୋଷ ବିଷୋୟୀ, ଦନାରଧନ ପ୍ରଧାନ ପ୍ରମୁଖ ମଙ୍ଗ ଧରିଥିବା ସୂଚନା ମିଳିଛି।

# ମୋହନା ଗସ୍ତରେ ଭାଜପା ରାଜ୍ୟ ପ୍ରଭାରୀ



ଭାଜପା ରାଜ୍ୟ ପ୍ରଭାରୀଙ୍କ ସହ କେନ୍ଦ୍ର ସମ୍ପାଦକ ଓ ଅନ୍ୟମାନେ।

**ପାରଳାଖେମୁଣ୍ଡି,୮।୨(ଡି.ଏନ୍.ଏ.)–** ପଞ୍ଚାୟତ ନିର୍ବାଚନ ପାଇଁ ତିନି ଦଳ ମଧ୍ୟରେ ଲଢ଼େଇ ଆରମ୍ଭ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ଭାଜପା ରାଜ୍ୟ ସଙ୍ଗଠନ ସାଧାରଣ ସମ୍ପାଦକ ମାନସ ମହାନ୍ତି ଓ ଓଡ଼ିଶା ପ୍ରଭାରୀ ଡି. ପୁରେନ୍ଦଶ୍ୱରୀ ମୋହନା ବ୍ଲକର ଜୋନ ନଂ ୯ କାର୍ଯ୍ୟାଳୟରେ ପହଞ୍ଚି ନିର୍ବାଚନ ସମ୍ପର୍କରେ ଆଲୋଚନା କରିଥିଲେ। ସେଠାରେ ଭାଜପା ଜିଲା ପରିଷଦ ପାର୍ଥିନୀ ସସ୍ମିତା ମଲିକ, ଆର.ଉଦୟଗିରି ଜୋନ ଜିଲାପରିଷଦ ପାର୍ଥିନୀ ମମତା ଗିରି ଚନ୍ଦ୍ରଗିରି ଜିଲା ପରିଷଦ ପାର୍ଥି ବିଶ୍ୱନାଥ ବିଷେଇରତ୍ନ ଓ ଭାଜପା କର୍ମୀମାନେ ସ୍ୱାଗତ କରିଥିଲେ। କର୍ମୀମାନଙ୍କ ସହ ନିର୍ବାଚନ ବିଷୟରେ ଆଲୋଚନା କରିବା ପରେ ସେଠୁ ଅଡ଼ବା ଜୋନ ଗସ୍ତ କରିଥିଲେ। ଏହି ଗସ୍ତ ସମୟରେ ଜିଲା ଉପସଭାପତି ବାପୁନି ସୁଆର, ସହ ସମ୍ପାଦକ କାମଦେବ ବଡ଼ନାୟକ, ସତ୍ୟ ଦଣ୍ଡସେନା, ପ୍ରଭାତ ପାତ୍ର, ସୁଧୀର ପାଇକ, ମନୋଜ ସାହୁ, ବ୍ରହ୍ମା ଶଙ୍କର ସାହୁ, ଜିତୁ ବିଷେଇରତ୍ନ, ମାନସ ପଟ୍ଟନାୟକ, ସମେତ ବହୁ ଭାଜପା କର୍ମୀ ଉଦୟଗିରି ମୋହନା ଚନ୍ଦ୍ରଗିରିରେ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ନାବାଳିକା ଅପହରଣ, ବଳାତ୍କାର ଘଟଣାରେ ଯୁବକ ଗିରଫ

ନବରଙ୍ଗପୁର,୮।୨(ବି.ପ୍ର.)- ନାବାଳିକା ଅପହରଣ ଓ ବଳାତ୍କାର ଘଟଣାରେ ନବରଙ୍ଗପୁର ପୋଲିସ ମାଲକାନଗିରି ଜିଲା ଏମ୍‌ଭି-୮୦ ଗାଁରୁ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ଆରିସ ପୋଢ ଓରଫ ଦୁର୍ଯ୍ୟୋଧନ। ଅଭିଯୁକ୍ତଙ୍କୁ ନବରଙ୍ଗପୁର ଅଣାଯାଇଛି। ସେଠାରେ ପୀଡ଼ିତା ଓ ଅଭିଯୁକ୍ତଙ୍କର ଡାକ୍ତରୀମାଇନା କରାଯାଇଛି। ଏହାପରେ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ନାବାଳିକାଙ୍କ ପରିବାର ଲୋକେ ନବରଙ୍ଗପୁର ଥାନାରେ ୪ ତାରିଖରେ ଘଟଣା ସମ୍ପର୍କରେ ଏତଲା ଦେଇଥିଲେ। ଏତଲାକୁ ଭିତ୍ତିକରି ପୋଲିସ କେସ୍ ନମ୍ବର ୫/୨୨ ଏକ ମାମଲା ରୁଜୁକରି ତଦନ୍ତ କରୁଥିଲା। ଅଭିଯୁକ୍ତଙ୍କୁ ଧରିବାକୁ ନବରଙ୍ଗପୁର ଏସ୍‌ପି ପି.ଏସ୍. ପରଷୋତ୍ତମ ଦାଶଙ୍କ ନିର୍ଦ୍ଦେଶ ତଥା ନବରଙ୍ଗପୁର ଥାନାଧିକାରୀ ତାରିକ୍ ଅହମ୍ମଦଙ୍କ ତତ୍ତ୍ୱାବଧାନରେ ଏକ ଟିମ୍ ଗଠନ କରାଯାଇଥିଲା। ଉକ୍ତ ଟିମ୍ ମାଲକାନଗିରି ଜିଲା ଏମ୍‌ଭି-୭୯ ପୋଲିସ ସହାୟତରେ ଏମ୍‌ଭି-୮୦ ଗାଁକୁ ଯାଇଥିଲା। ଟିମ୍‌ରେ ଇନ୍ସପେକ୍ଟର ପ୍ରମିଳା ବିଡିକା, ଏଏସ୍‌ଆଇ ଜି.ଏନ୍. ବାଘ, ଗୃହରକ୍ଷୀ ସସ୍ମିତା ପରିଛା ସାମିଲ ଥିଲେ।

### ମଦନମୋହନ ମନ୍ଦିର ପ୍ରତିଷ୍ଠା ଉତ୍ସବ

ଗୁଣପୁର,୮।୨(ଡି.ଏନ୍.ଏ.)- ରାୟଗଡ଼ା ଜିଲା ଗୁଣପୁର ସହର ମାଠିଆସାହିରେ ଥିବା ମଦନମୋହନ ମନ୍ଦିରର ପୁନଃ ନିର୍ମାଣ କରାଯିବା ପରେ ଏହାର ପ୍ରତିଷ୍ଠା ଉତ୍ସବ ସୋମବାରରୁ ଆରମ୍ଭ ହୋଇଛି। ଏହା ୧୧ତାରିଖ ପର୍ଯ୍ୟନ୍ତ ଚାଲିବ। ଗଙ୍ଗା ଆବାହନ ଓ କଳସଯାତ୍ରା ଅନୁଷ୍ଠିତ ହୋଇଛି। ବଂଶଧାରା ନଦୀ କୂଳରେ ରୀତିନୀତି ଅନୁଯାୟୀ ପୂଜା କାର୍ଯ୍ୟ ସରିବା ପରେ କଳସଯାତ୍ରା ସହର ପରିକ୍ରମା କରିଥିଲା। ୯ରେ ରତ୍ନମୁଦ ସ୍ଥାପନ ସହ ପାର୍ଶ୍ୱ ଦେବତା ପ୍ରତିଷ୍ଠା କରାଯିବ। ୧୦ରେ ଠାକୁରଙ୍କ ଦେବତା ପ୍ରବେଶ ନୀତି ହେବ। ସମସ୍ତ କାର୍ଯ୍ୟ କୋଭିଡ୍ ଗାଇଡ୍‌ଲାଇନ ଅନୁସାରେ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। କର୍ତ୍ତାଭାବେ କୃଷ୍ଣଚନ୍ଦ୍ର ପୂଜାରୀ ଏବଂ ପୂଜକ ସୁଦାମ ରଥ ଗଙ୍ଗାପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ। ବ୍ରହ୍ମା ଗୁପ୍ତେଶ୍ୱର ରଥଶର୍ମା ଏବଂ ଅନ୍ୟ ପୂଜକମାନେ ସହଯୋଗ କରିଥିଲେ। ବଂଶଧାରା ନଦୀକୂଳରେ ଗଙ୍ଗାପୂଜା ଚାଲିଛି।

### ବିଜୁ ପଟ୍ଟନାୟକ (ଏସ୍‌ଟି) ମହିଳା କଲେଜକୁ ସରକାରୀ ସ୍ୱୀକୃତି



ଉମରକୋଟ, ୮।୨(ସ୍ୱ.ପ୍ର.)- ଉମରକୋଟସ୍ଥିତ ବିଜୁ ପଟ୍ଟନାୟକ (ଏସ୍‌ଟି) ମହିଳା ମହାବିଦ୍ୟାଳୟକୁ ସରକାରୀ ସ୍ୱୀକୃତି ମିଳିଛି। ରାଜ୍ୟ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କ ପତ୍ରାଙ୍କ ୨୨୩୭୩/ ଏସ୍‌ଏମ୍‌ଇ ଅନୁଯାୟୀ ଏହି ମହାବିଦ୍ୟାଳୟକୁ ସରକାରୀ ଅନୁଦାନ ପ୍ରାପ୍ତି ପାଇଁ ସ୍ୱୀକୃତି ପ୍ରଦାନ କରାଯାଇଛି। ଏହି ଅବସରରେ ମହାବିଦ୍ୟାଳୟର ଗଭର୍ନିଂବଡି ସଭାପତି ଭାବେ ନବରଙ୍ଗପୁର ଉପଜିଲାପାଳ ଅଗ୍ରୱାଲ ଅକ୍ଷୟ ସୁନୀଲ ଦାୟିତ୍ୱ ଗ୍ରହଣ କରିଛନ୍ତି। ଆଗାମୀ ଦିନରେ ମହାବିଦ୍ୟାଳୟଟି କିଭଳି ସୁନାମ ଅର୍ଜନ କରିବ ସେ ଦିଗରେ ସମସ୍ତେ ମନ ଦେଇ ସଂକଳ୍ପବଦ୍ଧ ହୋଇ କର୍ତ୍ତବ୍ୟ ପାଳନ କରିବାକୁ ସେ ଆହ୍ୱାନ ଦେଇଥିଲେ। ନବରଙ୍ଗପୁର ଉପଜିଲାପାଳଙ୍କ ପତ୍ରାଙ୍କ ୦୩/୨୦୨୨ ଅନୁଯାୟୀ ମହାବିଦ୍ୟାଳୟର ଅଧକ୍ଷା ନମିତା ମହାପାତ୍ରଙ୍କୁ ପୁନର୍ବାର ଅଧକ୍ଷା ତଥା ପରିଚାଳନା କମିଟି ସମ୍ପାଦିକା ଦାୟିତ୍ୱ ଦିଆଯାଇଛି। ଏହି ଅବସରରେ ଅନୁଷ୍ଠାନର ଅଧାପକ ଅମରେଶ ମହାନ୍ତି, ପୂଜା ମାହୁନ୍ତ, ରିହାନା ଫାତିମା, ସରୋଜ ମହାନ୍ତି, ଓମ୍‌ପ୍ରକାଶ ପଟ୍ଟନାୟକ, ନରେଶ ପଟ୍ଟନାୟକ, ଦିଲ୍ଲୀପ ରଥ, ନିରଞ୍ଜନ ପଣ୍ଡା, ଶ୍ରୀପତି ଆଚାର୍ଯ୍ୟ, ମାଳତି ନାୟକ ପ୍ରୀତିରେଖା ମହାନ୍ତି ଉପସ୍ଥିତ ଥିଲେ।

### କଂଗ୍ରେସର ମିଶ୍ରଣ ପର୍ବ



ମୁନିଗୁଡ଼ା, ୮।୨(ଡି.ଏନ୍.ଏ.)- ମୁନିଗୁଡ଼ା କଂଗ୍ରେସ ଭବନରେ କୋରାପୁଟ ଏମ୍‌ପି ସପ୍ତଗିରି ଉଲ୍ଲାକାଙ୍କ ଉପସ୍ଥିତିରେ ମଙ୍ଗଳବାର ପାଇକ ସାହିର କ୍ଷୀରୋଦ ମାର୍ତ୍ତା(ବୁଦ୍ଧିଆ)କଂଗ୍ରେସରେ ଯୋଗ ଦେଇଛନ୍ତି। ଏ ନେଇ ଏମ୍‌ପିଙ୍କ ମୁନିଗୁଡ଼ା ବ୍ଲକ ପ୍ରତିନିଧି ମାନସ ବେହେରା ସୂଚନା ଦେଇଛନ୍ତି। ଏ ମୁନିଗୁଡ଼ା ପାଇକ ସାହି ବିଜେଡି ଦୁର୍ଗଭାବେ ପରିଚିତ ।

### ଆଖୁବାଡ଼ରୁ ଅଚେତ ଅବସ୍ଥାରେ ଯୁବତୀ ଉଦ୍ଧାର

କୋଷାଗୁମୁଡ଼ା, ୮।୨(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ବ୍ଲକ ଟେମେରା ପଞ୍ଚାୟତର ଟୁରାହାଣ୍ଡି ଗାଁର ଏକ ଆଖୁବାଡ଼ରେ ମଙ୍ଗଳବାର ଜଣେ ଯୁବତୀ ଅଚେତ ଅବସ୍ଥାରେ ପଡ଼ିଥିଲେ। ଖବର ଲେଖା ହେବା ପର୍ଯ୍ୟନ୍ତ ତାଙ୍କ ପରିଚୟ ମିଳିପାରିନାହିଁ। ମଙ୍ଗଳବାର ସକାଳୁ ଜମି ମାଲିକ ଆଖୁ ଫସଲ ଦେଖିବାକୁ ଜମିକୁ ଯାଇଥିଲେ। ସେଠାରେ ଅଚେତ ଅବସ୍ଥାରେ ଯୁବତୀଙ୍କୁ ଦେଖି କୋଷାଗୁମୁଡ଼ା ଥାନାକୁ ଜଣାଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଯୁବତୀଙ୍କୁ ଉଦ୍ଧାରକରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା। ସେ କଥା ମଧ କହି ପାରୁନାହାନ୍ତି। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ଡାକ୍ତର କହିଛନ୍ତି।

### ମାର୍ଚ୍ଚ ୭ ପର୍ଯ୍ୟନ୍ତ ବିଚାରଣା କାର୍ଯ୍ୟ ବନ୍ଦ ନିଷ୍ପତ୍ତି

ଗୁଣପୁର,୮।୨(ଡି.ଏନ୍.ଏ.)

ରାୟଗଡ଼ା ଜିଲା ଗୁଣପୁର କୋର୍ଟରେ ବିଚାରଣା କାର୍ଯ୍ୟ ମାର୍ଚ୍ଚ ୭ ପର୍ଯ୍ୟନ୍ତ ବନ୍ଦ ରଖିବାକୁ ଓକିଲମାନେ ନିଷ୍ପତ୍ତି ନେଇଛନ୍ତି। କରୋନା ପରିସ୍ଥିତିକୁ ଦୃଷ୍ଟିରେ ରଖି ଏହି ନିଷ୍ପତ୍ତି ନିଆଯାଇଛି। ଏ ନେଇ ଓକିଲ ସଂଘ କାର୍ଯ୍ୟାଳୟଠାରେ ସଭାପତି ବ୍ରହ୍ମାନନ୍ଦ ପଟ୍ଟନାୟକଙ୍କ ଅଧକ୍ଷତାରେ ସୋମବାର ହୋଇଥିବା ଜରୁରୀ ବୈଠକରେ ନିଷ୍ପତ୍ତି ହୋଇଛି। ତେବେ ଜରୁରୀ ମାମଲାରେ ଓକିଲମାନେ କୋର୍ଟ କାର୍ଯ୍ୟ କରିବେ। ନଚେତ୍ ଭର୍ଚୁଆଲ ମୋଡ୍‌ରେ କରିବାକୁ ସ୍ଥିର ହୋଇଛି। ଓକିଲ ସଂଘର ସମ୍ପାଦକ ଇନ୍ଦ୍ରାକ୍ଷୀ ପ୍ରସାଦ ଦାସଙ୍କ ସମେତ ବରିଷ୍ଠ ଆଇନଜୀବୀ ଉମାଚରଣ ପଟ୍ଟନାୟକ, ଦୁର୍ଗାପ୍ରସାଦ ମଣିପାତ୍ର, ଫଣିଭୂଷଣ ପଟ୍ଟନାୟକ, ରାଜେନ୍ଦ୍ର ପ୍ରସାଦ ସାହୁଙ୍କ ସମେତ ଯୁବ ଆଇନଜୀବୀ ଉପସ୍ଥିତ ଥିଲେ।

### ବିଜେଡିର ମିଶ୍ରଣ ପର୍ବ

ମୁନିଗୁଡ଼ା,୮।୨(ଡି.ଏନ୍.ଏ.)

ମୁନିଗୁଡ଼ାରେ ବିଜେଡିର ଏକ ମିଶ୍ରଣ ପର୍ବ ବ୍ଲକ ସଭାପତି ରତନଲାଲ ଜୈନ ଓ ଜିଲା ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ଗୌଡ଼ଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଛି। ଅତିଥିଭାବେ ବିଜେଡି ଜିଲା ସଭାପତି ତଥା ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ରାଜ୍ୟ ଉପଦେଷ୍ଟା ସୁଧୀର ଦାସ, ବ୍ଲକ ମହିଳା ବିଜେଡି ସଭାନେତ୍ରୀ ଲାବଣ୍ୟ ପାଣିଗ୍ରାହୀ, ବରିଷ୍ଠ ନେତା ବିରଞ୍ଚି ନାରାୟଣ ମିଶ୍ର ଓ ବନବାସିନୀ ବେହେରା ଉପସ୍ଥିତ ଥିଲେ। ଏକାଠି ହୋଇ ଗ୍ରାମାଞ୍ଚଳରୁ ଦଳୀୟ ସ୍ଥିତି ମଜଭୁତ କରିବା ସମ୍ପର୍କରେ ଆଲୋଚନା ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବିଜେଡିର ସଂଗଠକ ତଥା ଜୋନ୍ ପର୍ଯ୍ୟବେକ୍ଷକ ବୃନ୍ଦାବନ ପାଢ଼ୀ, ବୈକୁଣ୍ଠ ବନଛୋର, ଅନୀଲ ତାରିଣୀ ପ୍ରମୁଖ ଉପସ୍ଥିତ ଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ବ୍ଲକ ବିଜେଡି ସଭାପତି ସୀମାଞ୍ଚଳ ଦାସ, ଛାତ୍ର ବିଜେଡି ଜିଲା ସମ୍ପାଦକ ଅଶ୍ୱିନୀ ବେହେରା, କୈଳାସ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

### ଭୟମୁକ୍ତ ନିର୍ବାଚନ ପାଇଁ ଫ୍ଲାଗ୍‌ମାର୍ଚ୍ଚ

ଉମରକୋଟ, ୮।୨(ସ୍ୱ.ପ୍ର.)

ଚଳିତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନକୁ ଅବାଧ, ନିରପେକ୍ଷ, ଭୟମୁକ୍ତ କରି ଲୋକଙ୍କ ମଧ୍ୟରେ ବିଶ୍ୱାସର ବାତାବରଣ ସୃଷ୍ଟି ନିମନ୍ତେ ମଙ୍ଗଳବାର ଉମରକୋଟ ପୋଲିସ ଫ୍ଲାଗ୍‌ମାର୍ଚ୍ଚ କରିଛି । ଉମରକୋଟ ଥାନା ଅଧୀନ ବେହେଡା, ବକୋଦା, ଚୁର୍ଚ୍ଚା, ଧୋଡ୍ରା ଏବଂ ସାନଭୀମାଗୁଡାରେ ଫ୍ଲାଗ୍‌ମାର୍ଚ୍ଚ କରାଯାଇଛି। ଥାନାଧିକାରୀ ନରେଶ ପ୍ରଧାନଙ୍କ ନେତୃତ୍ୱରେ ଉମରକୋଟ ଥାନାର ସମସ୍ତ କର୍ମଚାରୀ ଓ ପୋଲିସ ଏହି ଫ୍ଲାଗ୍‌ମାର୍ଚ୍ଚରେ ଅଂଶ ଗ୍ରହଣ କରିଥିଲେ।

